# ଯୀଶୁଖ୍ରୀଷ୍ଟଙ୍କ ବିଷୟରେ ମାର୍କ ଲେଖିଥିବା ସୁସମାଚାର
# ଜିସୁକିରିସ୍‌ଟର୍ ବିସଇରେ ମାର୍‌କ ଲେକ୍‌ଲା ନିମାନ୍ କବର୍
## ଏ ବଇ ବିସଇରେ ଜାନ୍‌ବାଟା

ଜିସୁ ମାପ୍‌ରୁର୍ ଜିବନ୍ ବିସଇର୍ ଟିକି ନିକି କାତା କରିରଇବା ନୁଆ ନିୟମର୍ ଚାରିଟା ବଇ ବିତ୍‌ରେଅନି ମାର୍‌କ ଲେକିରଇବା ସୁବ୍‌କବର୍ ଅଇଲାନି ଗଟେକ୍ । ସେ ଚାର୍‌ଟା ବଇକେ ସୁସମାଚାର୍ ବଲି କଇବାଇ । ଜନ୍‌ଟାର୍ ଅରତ୍ କି “ସୁବ୍‌କବର୍ ।” ସେଟା ସବୁ ଜିସୁର୍ ମରନ୍ ପଚେ ମାତିଉ, ମାର୍‌କ, ଲୁକ୍ ଆରି ଜଅନର୍ ଲାଗି ଲେକା ଅଇଲା ଆଚେ । ଚାରିଟା ସୁବ୍‌କବର୍ ବିତ୍‌ରେଅନି ମାର୍‌କ ଲେକିରଇବା ସୁବ୍‌କବର୍ ଅଇଲାନି ସବୁର୍‌ଟାନେଅନି ସାନ୍‌ଟା । ଏଟାକେ ଏନ୍ତି ମିସା ବିସ୍‌ବାସ୍ କର୍‌ବାଇ ଜେ ଏଟା ସୁବ୍‌କବର୍‌ମନର୍ ବିତ୍‌ରେ ଅନି ସବୁର୍ ଆଗ୍‌ତୁ କିରିସ୍‌ଟାବ୍ଦ ୬୫-୭୦ ବିତ୍‌ରେ ଲେକାଅଇଲା । କେତେକ୍ ବାଇବଲ୍ ପଣ୍ଡିତ୍‌ମନ୍ ବିସ୍‌ବାସ୍ କର୍‌ବାଇ ଜେ ରମ୍ ଦେସେ ରଇବା କିରସ୍‌ତାନି ମନ୍‌କେ ସାର୍‌ଦା କରାଇବାପାଇ ବଲି ରମ୍‌ଦେସେ ଏଟା ଲେକାଅଇଲାଆଚେ । ମାର୍‌କ, ଜେ କି ଜଅନ୍ ମାର୍‌କ ବଲି ଜାନିରଇଲାଇ । ସେ ପାଉଲ୍ ଆରି ବର୍‌ନବାସର୍ ସଙ୍ଗାରି ରଇଲା, ମାତର୍ ଜେଡେବେଲେ ସେ ସେମନ୍‌କେ ମାପ୍‌ରୁର୍ ସେବା କାମର୍ ଲାଗି ଜିବାକେ ଚାଡି ଆଇଲା, ସେଡେବେଲେ ସେମନର୍ ନାଉଁ ବଡି ବଡି ଆଇଲାବେଲେ, ଦୁକର୍ ବେଲା କେଟ୍‌ଲା ପେରିତ୍ ୧୩:୧୩ କେତେ ବରସ୍ ଗାଲାପଚେ ମାର୍‌କ ଆରିତରେକ୍ ବର୍‌ନବାସର୍ ସଙ୍ଗ୍ ଜିବାକେ ଆରାମ୍ କଲାଇ ପେରିତ୍ ୧୫:୩୭-୩୯ । ମାର୍‌କ ମିସା ପିତରର୍ ଗଟେକ୍ ନିଜର୍ ମଇତର୍ ପାରା ବଲି ଜାନିରଇଲାଇ ୧ ମ ପିତର୍ ୫:୧୩ । ମାର୍‌କ ଜିସୁର୍ ଜିବନେ ଅଇରଇବା ସବୁ ବିସଇର୍ ସାକି ନ ରଇଲେ ମିସା, ପଣ୍ଡିତ୍‌ମନ୍ ତାକେ ବିସ୍‌ବାସ୍ କର୍‌ବାଇ । ସେ ପିତର୍ ସାକିଦେଇରଇବା ବିସଇ ନିଜର୍ ସୁବ୍‌କବର୍ ତେଇ ଲେକିଆଚେ । ମାର୍‌କ ସିସ୍‌ଅଇଲାଟା ଆରି ସାରାସାରି ବେଲେ ଅଇରଇଲା କାତା ଜିସୁର୍ ସିକିଆ ତେଇ ଜାନାଇଲାଆଚେ । ଏ ମାର୍‌କ ବଇଟାନେ ଜିସୁ କିରିସ୍‌ଟକେ ଗଟେକ୍ ଦରମ୍ ଚାକର୍ ଆରି ପର୍‌ମେସର୍ ଜଜ୍‌ନା କଲାଟା ପୁରାପୁରୁନ୍ କର୍‌ବାକେ, ସବୁବେଲେ ତିଆର୍ ଅଇରଇବା ଆଲାଦର୍ ପିଲାପାରା ଜାନାଇଆଚେ । ସେଟାର୍‌ପାଇ ମାର୍‌କ ଜିସୁ କରିରଇବା କାବାଅଇଜିବା କାମର୍ ବିସଇ ଅଦିକ୍ ଲେକ୍‌ଲା । ସାରାସାରି ସେ ଗୁଲାଇ ଜଗତେ ମାପ୍‌ରୁର୍ କାତା ସୁନାଇବା ଗଟେକ୍ ମଆନ୍ ଆଦେସ୍ ସଙ୍ଗ୍ ଏ ସୁବ୍‌କବର୍‌ର୍ ଲେକା ତେବାଇଆଚେ ।

### ବିତ୍‌ରେ ରଇବାଟା


୧. ଡୁବନ୍ ଦେଉ ଜଅନ୍ ଆରି ଜିସୁର୍ ଡୁବନ୍ । ୧:୧-୧୩
୨. ଗାଲିଲିତେଇ ଜିସୁର୍ ସେବାକାମ୍ । ୧:୧୪;୯:୫୦
୩. ଜିସୁ ଜିରୁସାଲାମ୍ ଜିବାଟା ଆରି ପାର୍‌ତନା ଗରେ ପୁର୍‌ବାଟା । ୧୦:୧;୧୨:୪୪
୪. ପଚ୍‌କେ ଗଟ୍‌ବା ବିସଇ ଜାନାଇବାଟା । ୧୩.୩୧-୩୭
୫. ଜିସୁର୍ ମରନ୍ ଆରିତରେକ୍ ଉଟ୍‌ବାଟା ଆରି ମୁକିଅ ଆଦେସ୍ । ୧୪:୧–୧୬:୨୦


### ଡୁବନ୍ ଦେଉ ଜଅନର୍ ପର୍‌ଚାର୍
*(ମାତିଉ ୩:୧-୧୨; ଲୁକ୍ ୩:୧-୧୮; ଜଅନ୍ ୧:୧୯-୨୮)*

[1] ଏଟା ଅଇଲାନି ପର୍‌ମେସରର୍ ପଅ ଜିସୁ କିରିସ୍‌ଟର୍ ନିମାନ୍ କବରର୍ ଆରାମ୍ । [2] ଏଟା ଏନ୍ତାରି ଆରାମ୍ ଅଇଲା ।
ଜିସାୟ ବବିସତ୍‌ବକ୍‌ତାର୍ ସାସ୍‌ତରେ ଜେନ୍ତାର୍ ଲେକାଅଇଲା ଆଚେ,
ପର୍‌ମେସର୍ କଇଲା, ଦେକା ମୁଇ ମର୍ କବର୍ ଜାନାଉକେ ତମର୍ ଆଗେ ପାଟାଇଲିନି,
ସେ ତମର୍ ବାଟ୍ ତିଆର୍ କର୍‌ସି ।
[3] ତାର୍ ସର୍ ମରୁବାଲି ବୁଏଁ ଆଉଲିଅଇକରି ସୁନାଇଲାନି
ମାପ୍‌ରୁର୍ ବାଟ୍ ତିଆର୍ କରା,
ତାର୍‌ପାଇ ବାଟ୍ ସଲ୍‌କାଆ ।
[4] ତାର୍‌ପଚେ ଏ ସବୁ କାତା ପୁରାପୁରୁନ୍ ଅଇଲା, ଜେଡେବେଲେ, ଡୁବନ୍ ଦେଉ ଜଅନ୍ ମରୁବାଲିବୁଏଁ ଆସି ପାପ୍
କେମାର୍ ଲାଗି ବଲି ପାପ୍‌ଟାନେଅନି ବାଉଡାଇବା ବିସଇ କଇବାର୍ ଦାର୍‌ଲା । “ତମର୍ ପାପ୍ କେମା ଅଇବାକେ
ପାପ୍‌ଟାନେ ମନ୍ ବାଦ୍‌ଲାଇ ଡୁବନ୍ ନିଆ । ପର୍‌ମେସର୍ ତମର୍ ପାପ୍ କେମା କର୍‌ସି ।” [5] ସେତ୍‌କିବେଲେ ଜିଉଦାଦେସର୍
କେତେକ୍ ଲକ୍ ଆରି ଜିରୁସାଲାମ୍ ରାଇଜର୍ ସବୁ ଲକ୍‌ମନ୍ ବାରଇକରି ଜଅନର୍ କାତା ସୁନୁ ବଲି ଆଇବାର୍ ଦାର୍‌ଲାଇ
। ଆରି ନିଜର୍ ନିଜର୍ ପାପ୍‌କଲାଟା ମାନିକରି ଜର୍‌ଦନ୍ ଗାଡେ ତାର୍‌ତେଇଅନି ଡୁବନ୍ ନେଲାଇ ।
[6] ଜଅନ୍ ଉଟର୍ ଚେଣ୍ତିସଙ୍ଗ୍ ତିଆର୍ ଅଇଲା ଲୁଗା ପିନ୍ଦି, ପସୁ ଚାମର୍ ଆଁଟାବେଡା ଆଁଟାଇ ବାନ୍ଦି ଅଇତେରଇଲା । ତାର୍
କାଦି ଅଇଲା ଚିଟ୍‌କା ଆରି ବନର୍ ମୁ । [7] ସେ ଜାନାଇକରି କଇବାର୍ ମୁଲିଆଇଲା, “ମର୍ ପଚେ ଗଟେକ୍ ବେସି ବପୁର୍

# ପ୍ରେରିତ ମାନଙ୍କର କାର୍ଯ୍ୟ
# ପେରିତ୍ ସିସ୍‌ମନ୍ କାମ୍‌କଲା ଇସାବ୍
## ଏ ବଇ ବିସଇତେଇ ଜାନ୍‌ବାଟା

ପେରିତ୍ ବଇ ଅଇଲାନି ମଣ୍ଡଲି ଆରାମ୍ ଅଇଲା ବଇ, ଆରି କେନ୍ତାରି ଜିରୁସାଲମେ ଅନି ଜିଉଦା ସମରିଆ, ଆରି ବିନ୍‌ବିନ୍ ଜାଗାମନ୍‌କେ ଜାନାଇ ଅଇଲା ୧:୮ । ଏଟା ଜିସୁ ସର୍‌ଗେ ଜିବା ଆଗ୍‌ତୁ ତାର୍ ସିସ୍‌ମନ୍‌କେ କଇ ରଇଲା, ପେରିତ୍ ବଇ ଲୁକ୍‌ଲେକି ରଇଲା, ଜେକି ଲୁକ୍ ସୁବ୍‌କବର୍ ମିସା ଲେକି ରଇଲା । ସେ ଗଟେକ୍ ଡାକ୍‌ଦର୍ ରଇଲା, ଆରି କାଇଟାମିସା ବୁଲ୍ ନ କର୍‌ତେ ଲେକ୍‌ବାକେ ମନ୍‌ଦିଆନ୍ ଦେଇତେ ରଇଲା । ସେ ସୁବ୍‌କବର୍ ବଇଟାନେ ଆରି ପେରିତ୍ ବଇ ଏ ଦୁଇଟା ବଇଟାନେଜାକ ତିଅପିଲ୍‌କେ ଜାନାଇ ଆଚେ । ଜନ୍ ଲକ୍‌କି ସେ ଗଟେକ୍ ଗିରିକ୍ ଲକ୍ ରଇଲା ଏ ଦୁଇଟାଜାକ ବଇ ଗିରିକ୍ ଆରି ଜିଉଦି ଲକ୍‌ମନର୍ ପାଇ ଅଇରଇଲା ପେରିତ୍ ୧:୧ ।

ଜାନ୍‌ବାକେ ଗାଲେ ପେରିତ୍ ବଇ ଜିସୁକିରିସ୍‌ଟ ଜନମ୍ ଅଇକରି ୬୦-୬୪ ବିତ୍‌ରେ ଲେକାଅଇ ରଇଲା । କାଇକେବଇଲେ ପାଉଲ୍ ବନ୍ଦିଗରେ ରଇକରି ମୁକଲ୍‌ବା ଆଗ୍‌ତୁ ଏ ବଇର୍ ଲେକାକାମ୍ ସାରିରଇଲା । ଲୁକ୍ ମିସା ପାଉଲର୍ ସଙ୍ଗ୍ ବୁଲି ରଇଲା, ଆରି ପେରିତ୍ ବଇ ଆନ୍ତିକିଆଇ ଅନି ଲେକାଅଇ ରଇଲା । ପେରିତ୍ ବଇ ଲୁକ୍ ସୁବ୍‌କବର୍‌ତେଇ ଅନି ଆରାମ୍ ଅଇଲା ଆଚେ, ଆରି ଜିସୁ ସର୍‌ଗେ ଜିବାଟା ଆରାମ୍ ଅଇଲାନି ଲୁକ୍ ସୁବ୍‌କବରର୍ ଆଦେସ୍ ଆରି ପେରିତର୍ ଲେକା ଆଦେସ୍ ସଙ୍ଗ୍ ସମାନ୍ ଆଚେ । ସେ ତିଅପିଲ୍‌କେ ଆରି ବିସ୍‌ବାସ୍ ବଡି ଆଇବା ଲକ୍‌ମନ୍‌କେ ନିକସଙ୍ଗ୍ ରଇବାକେ ମନ୍‌କଲାନି । ସେମନ୍‌କେ କାଇ ସିକିଆ ଦିଆ ଅଇରଇଲା ଜିସୁକିରିସ୍‌ଟର୍ ଜିବନ୍ ବିସଇ ଆରି ବଡିଆଇବା ବିସ୍‌ବାସିମନର୍ ବିସଇ କାଇବୁଲ୍ ନ କର୍‌ତେ ଇସାବ୍ ସଙ୍ଗଇଆଚେ । ପେରିତ୍ ବଇଟାନେ ଆଗ୍‌ତୁର୍ ମଣ୍ଡଲି ଜିସୁକିରିସ୍‌ଟର୍ ଟାନେ ବିସ୍‌ବାସ୍ କରି ଜିଇବା କାଇବାକେ ଆମ୍‌କେ ଜାନାଇଲାନି । ଆମ୍‌କେ ପେରିତ୍‌ମନର୍ ଟାନେଅନି ଜାନାଇଲାନି କି, ଆମେ କେନ୍ତାରି ସୁକଲ୍ ଆତ୍‌ମାଟାନେ ରଇକରି ବିନ୍‌ଲକ୍‌ମନ୍‌କେ ସୁବ୍‌କବର୍ ଜାନାଇ ଅଇସି ।

### ଏ ବଇ ବିତ୍‌ରେ ରଇବା ମୁକିଆ ବିସଇ

୧. ସୁକଲ୍ ଆତ୍‌ମା ଆଇବାଟା ଆରି ମଣ୍ଡଲି ବଡ୍‌ବାଟା । ୧:୧–୮:୧
୨. ମଣ୍ଡଲିର୍ ଦୁକ୍‌କସ୍‌ଟ ଆରି ସୁବ୍‌କବର୍ ଅଦିକ୍ ଅଦିକ୍ ବଡ୍‌ବାଟା । ୮:୨–୧୨:୨୩
୩. ପାଉଲ୍ ପର୍‌ବୁମ୍ ତର୍ ସେବା କର୍‌ବାକେ ଜିବାଟା । ୧୨:୨୪–୧୪:୨୮
୪. ନୁଆ ବିସ୍‌ବାସିମନର୍ ଦର୍‌କାର୍ ବିସଇ ଆରି ଜିରୁସାଲମର୍ ସେବା । ୧୫:୧-୩୫
୫. ପାଉଲ୍ ଦୁଇପାଲି ସେବାକାମେ ଜିବାଟା । ୧୫:୩୬–୧୮:୨୨
୬. ପାଉଲ୍ ତିନ୍‌ପାଲି ସେବାକାମେ ଜିବାଟା । ୧୮:୨୩–୨୦:୩୮
୭. ପାଉଲ୍ ଜିରୁସାଲମେ ବନ୍ଦିଅଇରଇଲାଟା । ୨୧:୨୬
୮. ପାଉଲ୍ ରମ୍ ରାଇଜେ ଜିବାଟା । ୨୭:୧–୨୮:୧-୩୧

#### ସୁକଲ୍‌ଆତ୍‌ମା ଦେଇରଇବା କାତା

୧ ✡ସାର୍‌ଦାର୍ ତିଅପିଲ୍, ମର୍ ପର୍‌ତୁମ୍ ଲେକିରଇବା ଲୁକ୍‌ବଇଟାନେ ଆରାମେଅନି, ପର୍‌ମେସର୍ ତାକେ ସର୍‌ଗେ
ନେବା ଦିନ୍ ଜାକ, ଜିସୁ କରିରଇବା ଆରି ସିକାଇରଇବା ସବୁ ବିସଇ ଲେକିରଇଲି । ୨ ତାର୍ ଆଗ୍‌ତୁ ସୁକଲ୍‌ଆତ୍‌ମାର୍
ବପୁସଙ୍ଗ୍ ସେ ବାଚିରଇବା ପେରିତ୍‌ମନ୍‌କେ କେତେଟା ଆଦେସ୍ ଦେଇରଇଲା । ୩ ସେ ଦୁକ୍ କସ୍‌ଟ ଅଇଲାପଚେ,
ସେମନ୍‌କେ ନିଜେ ବେସି ତର୍ ଦେକାଇଅଇଲା । ଚାଲିସ୍ ଦିନ୍‌ଜାକ ବିନ୍ ବିନ୍ ବେଲାଇ ଦେକାଇଅଇଲା । ମଲାତେଇଅନି
ଉଟ୍‌ଲାଟା ସତ୍‌ସଙ୍ଗ୍ ଜାନାଇଲା । ସେମନ୍ ତାକେ ଦେକ୍‌ଲାଇ, ଆରି ସେ ସେମନର୍‌ସଙ୍ଗ୍ ପର୍‌ମେସରର୍ ରାଇଜ୍
ବିସଇନେଇ କାତା ଅଇଲା । ୪ ✡ତରେକ୍ ସେମନର୍‌ସଙ୍ଗ୍ ମିସିକରି କାଇବା ବେଲେ, ସେ ଏ ଆଦେସ୍ ଦେଲା, “ଜିରୁସାଲମ୍
ଚାଡାନାଇ । ମାତର୍ ଜନ୍‌ଟା ମର୍ ସରଗର୍ ବାବା, ଇନାମେ ଦେବିବଲି କଇଆଚେ, ସେଟା ନ ମିଲ୍‌ବା ଜାକ ଜାଗିରୁଆ ।
୫ ✡କାଇକେବଇଲେ ଜଅନ୍ ପାନିତେଇ ଡୁବନ୍ ଦେଇରଇଲା, ମାତର୍ କେତେ ଦିନ୍ ବିତ୍‌ରେ ପର୍‌ମେସର୍ ତମ୍‌କେ ସୁକଲ୍
ଆତ୍‌ମାଇ ଡୁବନ୍ ଦେଇସି ।”

#### ଜିସୁ ସର୍‌ଗେ ଜିବାଟା

୬ ଦିନେକ୍ ପେରିତ୍ ସିସ୍‌ମନ୍ ଗଟେକ୍‌ତେଇ ରୁଣ୍ଡିରଇଲା ବେଲେ ଜିସୁକେ ପାଚାର୍‌ଲାଇ, “ମାପ୍ରୁ, ତମେ କାଇ ଏବେ
ଇସ୍‌ରାଏଲର୍ ଲକ୍‌ମନ୍‌କେ ତାକର୍ ରାଇଜ୍ ଆରିତରେକ୍ ବାଉଡାଇ ଦେଇସୁ କି ?” ୭ ଜିସୁ ସେମନ୍‌କେ କଇଲା, “ମର୍
ବାବା ତାର୍ ନିଜର୍ ଅଦିକାର୍‌ସଙ୍ଗ୍ ବେଲାଗଡି ଟିକ୍‌କରି ସଙ୍ଗଇ ଆଚେ । ଏ ସବୁ କେବେ ଗଟ୍‌ସି, ସେଟା ତମର୍ ଜାନ୍‌ବା

✡ **୧:୧** ୧:୧ ଲୁକ୍ ୧:୧-୪ ✡ **୧:୪** ୧:୪ ଲୁକ୍ ୨୪:୪୯ ✡ **୧:୫** ୧:୫ ମାତିଉ ୩:୧୧; ମାର୍‌କ ୧:୮; ଲୁକ୍ ୩:୧୬; ଜଅନ୍ ୧:୩୩

